ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Vol.26 . No.64 Bhubaneswar Thursday April 13 2023 | ୨୬ତମ ବର୍ଷ ସଂଖ୍ୟା–୬୪ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୧୩, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ବିବାଦରେ ୧୦୮ଟି ନିୟମିତ ପଦ ବିଜ୍ଞପ୍ତି: ସରକାରୀ ନିଯୁକ୍ତି ଏଜେନ୍ସିକୁ ଅଣଦେଖା, ନିଗମ କରିବ ପରୀକ୍ଷା

ଭୁବନେଶ୍ୱର,୧୨।୪(ପି.ଏନ): ରାଜ୍ୟ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଉଠାଜଳସେଚନ ନିଗମ(ଓଏଲଆଇସି) ପକ୍ଷରୁ ୧୦୮ଟି ନିୟମିତ ପଦବୀ ପାଇଁ ନିଯୁକ୍ତି ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇବା ପରେ ନୂଆ ବିବାଦ ସୃଷ୍ଟି ହୋଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ନିଯୁକ୍ତି ଏଜେନ୍ସି ଥିବା ସତ୍ତ୍ୱେ ନିଗମ ନିଜେ କାହିଁକି ସିଧାସଳଖ ଏସବୁ ପଦବୀ ପୂରଣ ନିମନ୍ତେ ବିଜ୍ଞପ୍ତି ଦେଲେ ଓ ନିଜେ ଚୟନ କରିବାକୁ ନିଷ୍ପତ୍ତି ନେଲେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ରାଜ୍ୟ ଜଳସମ୍ପଦ ବିଭାଗର ମୋଟ ୩୯୧ଟି ଆସିଷ୍ଟାଣ୍ଟ ଏକଜ୍ୟୁକିଟିଭ ଇଞ୍ଜିନିୟର(ଏଇଇ) ପଦବୀ ପୂରଣ ନିମନ୍ତେ ଓଡିଶା ଲୋକସେବା ଆୟୋଗ(ଓପିଏସସି)ଙ୍କ ଦ୍ୱାରା ଏବେ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବାବେଳେ ସେହି ବିଭାଗ ଅଧୀନରେ ଥିବା ଉଠାଜଳସେଚନ ନିଗମ ନିଜେ ସିଧାସଳଖ ଗତକାଲିଠୁ ଏତେ ସଂଖ୍ୟକ ଏଇଇ(ରେଗୁଲାର ପଦବୀ)




ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି ।ପରୀକ୍ଷା ପରିଚାଳନାର ଅଭିଜ୍ଞତା ନଥିବା ସତ୍ତ୍ୱେ ନିର୍ବାଚନୀ ବର୍ଷରେ ନିଗମ ପରିଚାଳନା କର୍ତ୍ତୃପକ୍ଷ ୫୨ଟି ଆସିଷ୍ଟାଣ୍ଟ ଏକଜ୍ୟୁକିଟିଭ ଇଞ୍ଜିନିୟର(ଏଇଇ), ୨୫ଟି ଜୁନିୟର ଇଞ୍ଜିନିୟର,୧୨ଟି ଜୁନିୟର କ୍ଲର୍କ ଓ ୨୦ଟି ଜୁନିୟର ଆସିଷ୍ଟାଣ୍ଟ ପଦବୀ ଭଳି ନିୟମିତ ନିଯୁକ୍ତି(ରେଗୁଲାର ପଦବୀ) ପ୍ରକ୍ରିୟା ଆରମ୍ଭ କରି ପରୋକ୍ଷରେ ଘୋଡାବେପାରକୁ ପ୍ରୋତ୍ସାହିତ କରୁଥିବା ଚର୍ଚ୍ଚା ହେଉଛି ।

## ଗ୍ରୀଷ୍ମ ଲହରୀ ଜାରି

### – ଝାରସୁଗୁଡାରେ ସର୍ବାଧିକ ୪୩ ଡିଗ୍ରୀ, ଗୋପାଳପୁରରେ ରେକର୍ଡ ଭାଙ୍ଗିଲା ତାତି – ୧୬ରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୨।୪(ପି.ଏନ): ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି। ବୁଧବାର ୧୪ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଝାରସୁଗୁଡାରେ ସର୍ବାଧିକ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅନ୍ୟପକ୍ଷରେ ରେକର୍ଡ ଭାଙ୍ଗିଛି ଗୋପାଳପୁର ତାତି। ବୁଧବାର ଗୋପାଳପୁରରେ ସର୍ବୋଚ୍ଚ ତାପମାତ୍ରା ୩୯.୧ ଡ଼ିଗ୍ରୀ ରେକର୍ଡ ହୋଇଛି। ୧୨ ଅପ୍ରେଲ ୧୯୯୪ ରେ ଗୋପାଳପୁରରେ ସର୍ବୋଚ୍ଚ ତାପମାତ୍ରା ୩୭.୮ ଡ଼ିଗ୍ରୀ ରେକର୍ଡ ହୋଇଥିଲା । ଆଗାମୀ ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଆହୁରି ଗମ୍ଭୀର ହେବ ବୋଲି ଆକଳନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର। ୩ ଦିନ ଯାଏଁ ହିଟ୍ ୱେଭ୍ ସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ୧୬ତାରିଖରେ ଏଥିରେ ବ୍ରେକ ଲାଗିବାର ସମ୍ଭାବନା ରହିଛି। ଏହି ସମୟରେ ରାଜ୍ୟ ମଧ୍ୟକୁ ବଙ୍ଗୋପସାଗର ରୁ ବାୟୁପ୍ରବାହ ସମ୍ଭାବନା ହେତୁ ଉତର ଉପକୂଳ ସମେତ, ଖୋର୍ଦ୍ଧା, ନୟାଗଡ, କନ୍ଧମାଳ, ଅନୁଗୁଳ, ଢେଙ୍କାନାଳ, ମୟୁରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ବର୍ଷାର ସମ୍ଭାବନା ରହିଛି। ଫଳରେ ତାତିରୁ ସାମୟିକ ଆଶ୍ୱସ୍ତି ମିଳିପାରେ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୩ରୁ ୧୫ ତାରିଖ ମଧ୍ୟରେ ଗ୍ରୀଷ୍ମ ପ୍ରବାହ ହେବ। ୧୩ ତାରିଖ ରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇପାରେ। ୧୪ ତାରିଖ ରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ,ଦେବଗଡ, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବାର ଆଶଙ୍କା ରହିଛି। ସେହିପରି ୧୫ ତାରିଖରେ କେନ୍ଦୁଝର, ଦେବଗଡ, ସୁନ୍ଦରଗଡ,ଝାରସୁଗୁଡା,ସମ୍ବଲପୁର ,ସୁବର୍ଣ୍ଣପୁର, ଅନୁଗୁଳ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ସମସ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବୁଧବାର ଦିନ ଝାରସୁଗୁଡାରେ ସର୍ବାଧିକ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ବାରିପଦାରେ ୪୨.୫, ସମ୍ବଲପୁର ୪୨, ବୌଦ୍ଧ ଓ ତାଳଚେର ୪୧.୬ , ବଲାଙ୍ଗୀର ଓ ଟିଟିଲାଗଡ ୪୧.୨, ଅନୁଗୁଳ ୪୧.୧, ଭଦ୍ରକ , ସୁନ୍ଦରଗଡ ଓ ସୋନପୁର ୪୧, ହୀରାକୁଦ ୪୦.୭, ରାଉରକେଲା ୪୦.୬, ଚାନ୍ଦବାଲି ୪୦.୩ , ଭୁବନେଶ୍ୱର ଓ କଟକରେ ୩୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ଅର୍ଥ ସାଜିଛି ବାଧକ, ଅଜଣା ରୋଗରେ ପଡି ବଂଚିବାର ରାହା ଖୋଜୁଛି କୁନି ଝିଅ ଝରଣା

ହରିଚନ୍ଦନପୁର, ୧୨।୪(ପି.ଏନ): ଦିନେକି ଦୁଇ ଦିନ ନୁହେଁ ଦୀର୍ଘ ୭ବର୍ଷ ହେବ ଅଜଣା ରୋଗରେ ପୀଡିତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି କୁନି ଝିଅ ଝରଣା । ବୁଲି ଖେଳିବା ବୟସରେ ବିଛଣାରେ ପଡିରହି ଅସହ୍ୟ ଯନ୍ତ୍ରଣାରେ କଷ୍ଟ ଭୋଗୁଛି ଏହି କୁନି ଝିଅ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗ୍ରାମର କ୍ଷେତ୍ରବାସୀ ମାଝୀ ଓ ସୁରବାଲି ମାଝିଙ୍କ ୮ବର୍ଷର ଝିଅ ଝରଣା ମାଝୀ । ଦୀର୍ଘ ୭ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ବିଛଣାରେ ପଡିରହି ଅନେକ ଦୁଃଖ କଷ୍ଟ ଭୋଗୁଥିବା ସହ ବଂଚିବାର ରାହା ଖୋଜୁଛନ୍ତି ଝରଣା । ଜନ୍ମର ୬ମାସ ବୟସରୁ ଅଜଣା ରୋଗରେ ପୀଡିତ ଝରଣା, ନା ଚାଲି ପାରୁଛନ୍ତି, ନା କହି ପାରୁଛନ୍ତି, ନା କୌଣସି କାର୍ଯ୍ୟ କରି ପାରୁଛନ୍ତି । ଦିନ ରାତି ବିଛଣାରେ ପଡିରହି କେବଳ ଯନ୍ତ୍ରଣା ହିଁ ଭୋଗୁଛି । ସତେ ଯେମିତି ବଂଚିବାଟା ଅଭିଶାପ ପାଲଟି ଯାଇଛି ଏହି କୁନିଝିଅ ପାଇଁ । ବାପା କ୍ଷେତ୍ରବାସୀ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ପତ୍ନୀ ସୁରବାଲି ଓ ଦୁଇ ପୁଅ ଏବଂ ବଡ଼ଝିଅ ଝରଣାକୁ ନେଇ ଚିନ୍ତାରେ ପରିବାର । ବଡ ଝିଅ ଝରଣାର ଏଭଳି ଅବସ୍ଥା ପରିବାର ଲୋକଙ୍କ ସୁଖ ଛଡାଇ ନେଇଛି । ସ୍ୱଳ୍ପ ରୋଜଗାରରେ ପରିବାର ଚଳୁଥିବା ବେଳେ ଯେତିକି ସାମର୍ଥ୍ୟ ଥିଲା ବିଭିନ୍ନ ସ୍ଥାନରେ ଚିକିତ୍ସା କରାଇଛନ୍ତି । କ୍ଷେତ୍ରବାସୀ ସବୁଠି ନିରାଶ ହୋଇ ଶେଷରେ ଭାଗ୍ୟକୁ ଆଦରି ରହିଛନ୍ତି । ଏଭଳି ପରିସ୍ଥିତିରେ ସରକାରୀ ସହାୟତାକୁ ଚାହିଁ ରହିଛନ୍ତି ପରିବାର ଲୋକେ । ଝରଣାର ଚିକିତ୍ସା ସହ ଭିନ୍ନକ୍ଷମ ଭତା ଯଦି ପ୍ରଶାସନ ଯୋଗାଇ ଦିଆନ୍ତା ତେବେ ଏହି ଦୁଃଖୀ ପରିବାର ମୁହଁରେ ଟିକିଏ ହସ ଫୁଟି ପାରନ୍ତା ବୋଲି ମତପ୍ରକାଶ ପାଇଛି। ଏନେଇ ଆମେ ଭଗାମୁଣ୍ଡା ସରପଂଚ ଫୁଲମଣି ନାଏକଙ୍କୁ ପଚାରିବାରୁ ସେ କ୍ଷେତ୍ରବାସୀଙ୍କ ପରିବାର ଲୋକଙ୍କୁ ଭେଟିବା ସହ ଯଥା ସମ୍ଭବ ସରକାରୀ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ଯଥା ସମ୍ଭବ ଚିକିତ୍ସାର ବ୍ୟବସ୍ଥା କରାଇବାକୁ ପରିବାର ସହ ସ୍ଥାନୀୟ ଜନସାଧାରଣଙ୍କ ଦାବି ହୋଇଛି ।

## ୫-ଟି ଯୋଜନାରେ ହେଉଛି ଦୁର୍ନିତି- ବି ଆର ଏସ

ଜୟପୁର, ୧୨।୪(ପି.ଏନ): ସାରା ରାଜ୍ୟ ସହ କୋରାପୁଟ ଜିଲାରେ ୫-ଟି ଯୋଜନାରେ ହେଉଥିବା ସ୍କୁଲର ସୌନ୍ଦର୍ଯ୍ୟକରଣ ଏବଂ ମରାମତି କାମରେ କୋଟି କୋଟି ଟଙ୍କା ସରକାରୀ ଅର୍ଥରେ ଦୁର୍ନିତି ହୋଇଥିବା ନେଇ ବିଆରଏସ ର ଜୟପୁର ନେତା ରବିନ୍ଦ୍ର ମହାପାତ୍ର ଅଭିଯୋଗ କରିଛନ୍ତି । ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ଏହା ସହ ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପରେ ଏକ ସାମ୍ବାଦିକ ସମ୍ମିଳନି କରି ମଧ ରବିନ୍ଦ୍ର ମହାପାତ୍ର ସୁଚନା ଦେଇଛନ୍ତି ଯେ ୫-ଟି ନାମରେ କୋଟି କୋଟି ଟଙ୍କା ହରି ଲୁଟ ହୋଇଛି । ସ୍କୁଲର ସୌନ୍ଦର୍ଯ୍ୟକରଣ ଏବଂ ମରାମତି କାମରେ ଅର୍ଥ ଖର୍ଚ୍ଚ କରାଯାଉଥିବା ବେଳେ ଶିକ୍ଷା ବ୍ୟବସ୍ଥାରେ କିଛି ସୁଫଳ ମିଳୁ ନାହିଁ । କାର୍ଯ୍ୟ ନିମ୍ନ ମାନ ହୋଉଛି, କାଯ୍ୟନିର୍ମାଣର ୨ ରୁ ୩ ମାସ ମଧ୍ୟରେ କେଉଁ ସ୍କୁଲ ଛାତରୁ ପାଣି ଗଳୁଛି କେଉଠି କାନ୍ଥର ପ୍ଲାଷ୍ଟର ଛାଡି ଯାଉଛି, ଚଟାଣର ଟାଇଲସ ଉଠିଯାଉଛି, କେଉଁଠି କମ୍ପୁଟର କାମ କରୁ ନାହିଁ, ଟେବୁଲ ଚେୟାର, କବାଟ ଝରକା, ଭାଙ୍ଗି ଯାଇଛି । ଏଭଳି ନିମ୍ନ ମାନର କାମ ବିନା ଟେଣ୍ଡରରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଙ୍କ ଦ୍ୱାରା କରାଯାଉଛି । ବ୍ଲକର ୧୦ ଲକ୍ଷ ଓ ସହରରେ ୩ ଲକ୍ଷ ଟଙ୍କାରୁ ଉଦ୍ଧ ହେଲେ ଟେଣ୍ଡର କରିବାର ନିୟମ ଥିବା ବେଳେ ଏହାକୁ ଭାଗ ଭାଗ କରି ବନା ଟେଣ୍ଡରରେ କାମ କରାଯାଇଛି । ଜିଲାର ଲମତାପୁଟ, ନନ୍ଦପୁର ରେ ଛାତ ପଡି ଯାଇଥିବା ବେଳେ ଜୟପୁର ରେ ଛାତରୁ ପାଣି ଗଳୁଛି । ତେଣୁ ୫-ଟି ଯୋଜନାରେ କ୍ରୟ କରାଯାଉଥିବା ମେଟେରିଆଲ ବିଲ ଏବଂ ପ୍ରକୃତ ଜିନିଷର ମୁଲ୍ୟର ତଦନ୍ତ କରାଯା

ଉ,ଯେଉଁ ଜେଇ ମାନେ କୋଟି କୋଟି ଟଙ୍କା ବିନିଯୋଗ କରି କାର୍ଯ୍ୟ କରୁଛନ୍ତି ସେ ମାନଙ୍କ ପାଖରେ ଏହି କୋଟି କୋଟି ଟଙ୍କା ଆସିଲା କେଉଠି ତାହାର ତଦନ୍ତ କରାଯାଉ, ଏହି କାଯ୍ୟ କରୁଥିବା ଜେଇ ମାନଙ୍କୁ କଳା ତାଲିକାଭୁକ୍ତ କିମ୍ବା ନିଲମ୍ବନ କରି ଦୃଷ୍ଟାନ୍ତମୁଳକ କାଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ଆଦି ଦାବି ରହିଛି । ଯଦି ସରକାର କିଛି ପଦ କ୍ଷେପ ନେବେ ନାହିଁ ତେବେ ଆଇନର ଆଶ୍ରୟ ନେବାକୁ ବାଧ ହେବୁ ବୋଲି ରବିନ୍ଦ୍ର ମହାପାତ୍ର ଗଣ ମାଧମକୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନିରେ ପି ଗୋପାଳ ରାଓ ଉପସ୍ଥିତ ଥିଲେ ।

## ଅଧପନ୍ତରିଆ ଭାବେ ଛାଡି ଠିକାଦାର ଛୁ : ଭାଲୁକା ନାଳ ପୋଲ ଆପ୍ରୋଚ ରୋଡ଼ କୁ ନେଇ ତେଜୁଛି ଅସନ୍ତୋଷ

ଚମ୍ପୁଆ, ୧୨।୪(ପି.ଏନ): ଦୀର୍ଘ ବର୍ଷର ବ୍ୟବଧାନ ପରେ ଆପ୍ରୋଚ ରୋଡ଼ କାମ କରାଯାଉଥିବାବେଳେ କାମକୁ ଅଧ ପନ୍ତରିଆ ଭାବେ ଛାଡି ଠିକାଦାର ଛୁ ମାରିଥିବା ଜଣାପଡିଛି । ଅଧପନ୍ତରିଆ ରାସ୍ତା ଏବେ ଗମନାଗମନରେ ସମସ୍ୟା ସୃଷ୍ଟି କରୁଥିବାବେଳେ ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସୂଚନା ଯୋଗ୍ୟକି, କରଞ୍ଜିଆ ଓ ବଡ଼ନଇ ପଂଚାୟତକୁ ସଂଯୋଗ ପାଇଁ ଦୀର୍ଘ ୧୦ ବର୍ଷ ତଳେ ଭାଲୁକା ନାଳ ଉପରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଥିଲେ ହେଁ ଜମି ଅଧିଗ୍ରହଣକୁ ନେଇ ଏହି ପୋଲର ସଂଯୋଗୀ କରଣ ଆପ୍ରୋଚ ରୋଡ଼ କାମ ହୋଇ ପାରୁନଥିଲା । ଏନେଇ ବ୍ୟାପକ ଆନ୍ଦୋଳନ ଓ ଦାବୀ ପରେ ନିକଟରେ ଜମି ଅଧିଗ୍ରହଣ କରାଯାଇ ପୋଲର ଆପ୍ରୋଚ ରୋଡ଼ କାମ କରାଯାଇ ଥିଲେହେଁ ରୋଡ଼ର କାମକୁ ଅଧାପନ୍ତରିଆ ଭାବେ ଛାଡି ଠିକାଦାର ଛୁ ମାରିଛି । ଏହି ଆପ୍ରୋଚ ରୋଡ଼ରେ ମେଂଟାଲିଙ୍ଗ କାମ ଶେଷ ହୋଇଥିବାବେଳେ ପିଚୁ ଓ ଗାଡ଼ୱାଲ କାମ ବାକି ପଡିଛି । ତେବେ ଦୀର୍ଘ ଦିନ ହେବ ଏହି କାମ ଅଧପନ୍ତରିଆ ଭାବେ ପକା ଯାଇଥିବାରୁ ରାସ୍ତା ଉପରେ ମେଟାଲ ବାହାରି ଏବେ ଗମନା ଗମନରେ ବାଧା ସୃଷ୍ଟି କରୁଛି । ତେବେ ଏହି କାମକୁ ଅଧାରେ ଛାଡି ଠିକାଦାର ଛୁ ମାରି ଥିବାବେଳେ ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି କ୍ଷ ତେବେ ଏହାକୁ ନେଇ ଚମ୍ପୁଆ ଆରଡ଼ି ବିଭାଗ କନିଷ୍ଠ ଯନ୍ତ୍ରୀ ଦେବରାମ ଓରାମଙ୍କୁ ଯୋଗାଯୋଗ କରିବାରୁ କାମ ଶୀଘ୍ର ଶେଷ କରାଯିବ ବୋଲି ସଫେଇ ଦେଇ ଥିବାବେଳେ ଏହି ରାସ୍ତା କାମ ଅଧାରେ ଅଟକି ରହିବା ଯୋଗୁଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବଡ଼ନଇ, ରିମୁଳି, କରଞ୍ଜିଆ, ସରେଇ ଆଦି ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ଝାରସୁଗୁଡା ଉପନିର୍ବାଚନ ପାଇଁ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି

ଭୁବନେଶ୍ୱର, ୧୨।୪(ପି.ଏନ): ଝାରସୁଗୁଡାରେ ଉପ-ନିର୍ବାଚନ ପାଇଁ ଆସନ୍ତାକାଲି (ଏପ୍ରିଲ ୧୩)ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଆସନ୍ତା ମେ' ୧୦ ତାରିଖରେ ଝାରସୁଗୁଡାରେ ଉପ-ନିର୍ବାଚନ ହେବ। ଏନେଇ ଗତ ମାର୍ଚ୍ଚ ୨୯ ତାରିଖରେ ନିର୍ବାଚନ ଆୟୋଗ ଘୋଷଣା କରିଥିଲେ। ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ପଡିଛି। ଉପନିର୍ବାଚନ ପାଇଁ ବିଜେଡି ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି ତରୁଣ ପାଣ୍ଡେ। ଅନ୍ୟପକ୍ଷରେ ବିଜେପି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ନିର୍ବାଚନ ଆୟୋଗଙ୍କ ଉପନିର୍ବାଚନ ଘୋଷଣା ଅନୁସାରେ ଅପ୍ରେଲ ୧୩ ତାରିଖ (ଗୁରୁବାର) ଗେଜେଟ୍ ନୋଟିଫିକେସନ୍, ଅପ୍ରେଲ ୨୦ ତାରିଖ (ଗୁରୁବାର) ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ, ଅପ୍ରେଲ ୨୧ ତାରିଖ (ଶୁକ୍ରବାର) ନାମାଙ୍କନ ପତ୍ର ଯାଂଚ, ଅପ୍ରେଲ ୨୪ ତାରିଖ (ସୋମବାର) ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ, ମଇ ୧୦ ତାରିଖ (ବୁଧବାର) ମତଦାନ ଦିବସ, ମଇ ୧୩ ତାରିଖ (ଶନିବାର) ଭୋଟ ଗଣତି ଓ ମଇ ୧୫ ତାରିଖ ଦିନ ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୨୨୧୦୭୦ ।ସେଥି ମଧ୍ୟରୁ ୧୧୦୩୨୦ ଜଣ ପୁରୁଷ ଓ ୧୧୦୬୮୭ ଜଣ ମହିଳା ଓ ୬୩ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି । ୨୫୨୬ ଜଣ ଦିବ୍ୟାଙ୍ଗ ଭୋଟର ଅଛନ୍ତି ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ୪୦୭୪ ଜଣ ବରିଷ୍ଠ ଭୋଟର ଅଛନ୍ତି । ନିର୍ବାଚନୀ ମଣ୍ଡଳୀରେ ୨୦୬ ଗୋଟି ସ୍ଥାନରେ ସମୁଦାୟ ୨୫୩ ଗୋଟି ଭୋଟଗ୍ରହଣ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି।

## ବାଉନ୍ସର ଗ୍ୟାଙ୍ଗର ମୁଖ୍ୟ ରାଘବ ଜେନାର ବେଆଇନ ଘର ଉପରେ ଚାଲିଲା ବୁଲଡୋଜର

ଭୁବନେଶ୍ୱର,୧୨।୪(ପି.ଏନ): ଭୁବନେଶ୍ୱର ଝାରପଡା ଅଂଚଳରେ ସରକାରୀ ଜମିକୁ ଦଖଲ କରିବା ପରେ ଏହା ଉପରେ ଘର ଓ ଦୋକାନ ଘର ତିଆରି କରି ମାସକୁ ଲକ୍ଷାଧିକ ଟଙ୍କା ଭଡା ଆଦାୟ କରୁଥିଲା ଅପରାଧୀ ରାଘବ ଜେନା। ଏହି ବେଆଇନ୍ ଘରଗୁଡିକ ଉପରେ ଆଜି ବିଏମ୍ ?ସିର ବୁଲ୍ ?ଡୋଜର ଚାଲିଛି। ନୟାପଲ୍ଲୀ ଥାନା ଅଞ୍ଚଳରେ ବହୁ ସଂଖ୍ୟକ ବାଉନସରଙ୍କୁ ଲଗାଇ ଦୋକାନ ଭଙ୍ଗାରୁଜା କରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ହେଉଛି ରାଘବ ଜେନା। ସେ ଏବେ ଫେରାର ଅଛି।



ରାଘବ ଦଖଲ କରି ରଖିଥିବା ପାଖାପାଖି ୩୦ରୁ ଅଧିକ ଘର ଭାଂଗିଛି ବିଏମସିର ଏନଫୋର୍ସମେଣ୍ଟ ଟିମ୍। ଏହାସହ ସରକାରୀ ଜମିରେ ଥିବା କିଛି ସ୍ଥାନୀୟ ଲୋକଙ୍କ ଘରକୁ ମଧ ଉଚ୍ଛେଦ କରାଯାଇଛି। କମିଶନରେଟ ପୁଲିସ ସହାୟତାରେ ଏହି ଉଚ୍ଛେଦ କାମ ଚାଲିଛି।

### ଏବର୍ଷ ହେବନି ପାୱାର କଟ୍ : ଶକ୍ତି ମନ୍ତ୍ରୀ

ଭୁବନେଶ୍ୱର, ୧୨।୪(ପି.ଏନ): ଏବର୍ଷ ରାଜ୍ୟରେ ପାୱାର କଟ୍ ହେବନି ବୋଲି ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ 'ରାଜ୍ୟରେ ଏବର୍ଷ ପାୱାର୍ କଟ୍ ହେଇନି କି ହେବାର ସମ୍ଭାବନା ବି ନାହିଁ। ଏହା ଗଣମାଧ୍ୟମର କାଳ୍ପନିକ ଖବର। ବିଦ୍ୟୁତ କାଟ ନ ହେଉଣୁ ହେବାର ଆଶଙ୍କା କରୁଛନ୍ତି। ଯଦି ବିଜୁଳି କଟୁଛି ତାର ଅର୍ଥ ନୁହଁ କି ପାୱାର କଟ୍ ହେଉଛି। ଅନେକ କାରଣରୁ ବିଜୁଳି କଟା ହୋଇଥାଏ।

## ୧୫ ଯାଏ ଅଥୟ କରିବ ତାତି, ୧୬ରୁ ବର୍ଷା !



ଭୁବନେଶ୍ୱର,୧୨।୪(ପି.ଏନ): ପ୍ରଚଣ୍ଡ ଖରା ଭିତରେ ଆଶ୍ୱସ୍ତି ଆଣିପାରେ ବର୍ଷା। ଆସନ୍ତା ୧୬ ତାରିଖରୁ ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗ ଆକଳନ କରିଛି। ତେବେ ୧୫ ତାରିଖ ଯାଏ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିବ। ୧୩ରୁ ୧୫ ଯାଏ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମ୍ଭାବନା ରହିଛି। ଏହା ପରେ ଅର୍ଥାତ ୧୬ ତାରିଖରୁ ବର୍ଷା ସମ୍ଭାବନା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଟ୍ୱିଟ୍ କରିଛି।

## ଯୁବ କଂଗ୍ରେସରେ ସାମିଲ ହେଲେ ୨ ଲକ୍ଷ ୪୫ ହଜାର ଯୁବକ

ଭୁବନେଶ୍ୱର, ୧୨।୪(ପି.ଏନ): ଓଡ଼ିଶାର ୨ଲକ୍ଷ ୪୫ ହଜାର ଯୁବକ ଯୁବ କଂଗ୍ରେସର ସଦସ୍ୟତା ଗ୍ରହଣ କରିଛନ୍ତି । ଗତ ମାର୍ଚ୍ଚ ୭ ତାରିଖରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ସାରା ଓଡ଼ିଶାର ୩୩ ଟି ସାଂଗଠନିକ ଜିଲ୍ଲାରେ ନୂତନ ଯୁବ କଂଗ୍ରେସ ସଦସ୍ୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ନୂତନ ଭାବରେ ଯୁବ କଂଗ୍ରେସର ସଦସ୍ୟତା ଗ୍ରହଣ କରିଥିବା ଓଡ଼ିଶାର ଯୁବକ ଯୁବତୀମାନଙ୍କୁ ସ୍ୱାଗତ କରିବା ସହ ପ୍ରତ୍ୟେକ ଯୁବ କଂଗ୍ରେସ କର୍ମୀ ଏବଂ ନେତୃବର୍ଗ ଯେଉଁମାନେ ଏହି କାର୍ଯ୍ୟକ୍ରମକୁ ଅତି ଶୃଙ୍ଖଳିତ ଏବଂ ନିଷ୍ଠାପର ଭାବରେ କରିଛନ୍ତି ତାଙ୍କୁ ମଧ୍ୟ ଅଶେଷ ଧନ୍ୟବାଦ ଦେଇଛନ୍ତି। ଏହି ଯୁବକଂଗ୍ରେସ ସଦସ୍ୟତା କାର୍ଯ୍ୟକ୍ରମ ଡିଜିଟାଲ ମାଧ୍ୟମରେ ହୋଇଥିଲା। ୧୮ ରୁ ୩୫ ବର୍ଷ ବୟସସୀମା ରହିଥିଲା, ଜଣେ ଯୁବକ ୬ଟି ପର୍ଯ୍ୟାୟ ଅତିକ୍ରମ କଲାପରେ ସଦ୍ୟସତା ହୋଇଥାଏ। ଜଣେ ସଦସ୍ୟ ନିଜ ପକେଟରୁ ୫୦ ଟଙ୍କା ଦେୟ ଦେଇ ସଦସ୍ୟତା ଗ୍ରହଣ କରିବାକୁ ପଡ଼ିଥାଏ। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ କଂଗ୍ରେସ ଯୁବବର୍ଗମାନଙ୍କର ଆଶା, ଆକାଂକ୍ଷା ପୂରଣ କରିବା ପାଇଁ କଂଗ୍ରେସ ହିଁ ଏକମାତ୍ର ଦଳ। ଏତେ ସଂଖ୍ୟକ ଯୁବକ ଯୁବତୀ ଯୁବକଂଗ୍ରେସର ସଦସ୍ୟତା ଗ୍ରହଣ କରିବା ସ୍ପଷ୍ଟ ଭାବରେ ସୂଚାଉଛି ଯେ ଯୁବକମାନେ କଂଗ୍ରେସ ଦଳର ନୀତି, ଆଦର୍ଶକୁ ପୂର୍ଣ୍ଣମାତ୍ରାରେ ବିଶ୍ୱାସ କରୁଛନ୍ତି । ଆସନ୍ତା ଦିନରେ କଂଗ୍ରେସ ଓଡ଼ିଶାର ଯୁବକ ଯୁବତୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସବୁ ସ୍ତରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ଲଢ଼ିବ। ସାରା ଓଡ଼ିଶାକୁ ଶ୍ରୀ ପଟ୍ଟନାୟକ କହିଛନ୍ତି ଆସନ୍ତା ଦିନରେ ଏହି ଯୁବଶକ୍ତିକୁ ନେଇ ଏ ଅତ୍ୟାଚାରୀ ଜନବିରୋଧି ସରକାର ବିରୋଧରେ ତୀବ୍ରତର ଲଢ଼େଇ ହେବ। ସାରା ଓଡ଼ିଶାକୁ ଯୁବ ଶକ୍ତିର ଏକ ଉତ୍ସରୂପେ ଗଢ଼ାଯିବ। ଯୁବ ଶକ୍ତି ହେଉଛନ୍ତି ଏ ରାଜ୍ୟର ସବୁଠାରୁ ବଡ଼ ସମ୍ପଦ।

## ହାଣ୍ଡିଶାଳରେ କୋଇଲା ଗୁଣ୍ଡ, ଭାତ ହାଣ୍ଡି କଳାପଡିଯାଉଛି, ଲାଠିକଟା ବାସୀ ତ୍ରାହୀ ତ୍ରାହୀ ଡାକିଲେଣି

ରାଉରକେଲା, ୧୨।୪(ପି.ଏନ): ସୁନ୍ଦରଗଡ ଜିଲ୍ଲା ଲାଠିକଟା ଅଂଚଳରେ ଏବେ କୋଲା ଗୁଣ୍ଡ ଆତଙ୍କ ଖେଳିବାରେ ଲାଗିଛି ଘରସାରା କଳା ହେବା ସହ ହାଣ୍ଡିଶାଳରେ ଏହି ଗୁଣ୍ଡ ପହଂଚି ଭାତ ହାଣ୍ଡିକୁ ମଧ୍ୟ କଳା କରିଦେଉଛି ଫଳରେ ଲୋକେ କୋଇଲା ଗୁଣ୍ଡ ମିଶା ଭାତ ଖାଇ ତ୍ରାହୀ ତ୍ରାହୀ ଡାକ ଦେଉଛନ୍ତି, ହେଲେ ଆମ ଜିଲ୍ଲା ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ଏହି ଘଟଣା ଆଜିର ନୁହେଁ ବିଗତ ୧୮ ମାସ ଧରି ଚାଲିଛି ଲାଠିକଟା ଅଁଚଳରେ। ଅଭିଯୋଗରୁ ପ୍ରକାଶ ଯେ, ଓରିଣ୍ଡ କାରଖାନାର ରେଳବାଇ ସାଇଡିଂ କୁ କେହି ବ୍ୟକ୍ତି ନେଇ ସେଠାରେ କୋଇଲା ଗୁଣ୍ଡ ଗଛିତ କରିବା ସହ ପ୍ରାୟ ଦେଢ କିଲୋମିଟର ଯାଏ ରେଳ ଲାଇନ କଡେ କଡେ କୋଇଲା ଖୋଲାରେ ଗୁଣ୍ଡ ଗଚ୍ଛିତ କରୁଛି, ପରେ ଏହି ଗୁଣ୍ଡ ରେଳ ଡାବାରେ ଲୋଡ କରାଯାଇ ବ୍ୟବସାୟୀକ କାରବାର ଲାଗି ବାହାରକୁ ପଠାଇ ବେଶ ଦୁଇ ପଇସା ରୋଜଗା କରାଯାଉଛି । ଭଲ କଥା, ରୋଜଗାର ହେଲେ କାହାର କିଛି ଆପତି ନାହିଁ, ହେଲେ ଏହି ବେପାରୀ ଜଣଙ୍କର ପୁଶମାସ ଚାଲିଥିବା ବେଳେ ଅଁଚଳ ବାସୀ ଙ୍କର ସର୍ବନାଶ ହେବାରେ ଲାଗିଛି, ଲୋକେ ଦିନ ରାତି ଉଡୁଥିବା କୋଇଲା ଗୁଣ୍ଡକୁ ନାକରେ ଗ୍ରହଣ କରିବା ସହ ଘର ସାରା କଳା ପଡିଯାଉଛି, ଗଛ ପତ୍ର, ପୋଖରୀ, କୁଅ ସବୁ କଳା ହୋଇଯାଉଛି ଶୁଦ୍ଧ ପାଣି ଟିକେ ଏବେ ସ୍ୱପ୍ନ ହେବାରେ ଲାଗିଛି, ଗାଇ ଗୋରୁ ଖାଉଥିବା ଘାସ ମଧ କଳା ପଡିଯାଉଛି ଯାହା କୁ କେବେ ଏହି ଅଁଚଳ ବାସୀ ଦେଖିନଥିଲେ। ଦୀର୍ଘ ବର୍ଷ କାଳ ଏଠି ଓରିଣ୍ଡ କାରଖାନା ଚାଲିଲା ଏଭଳି ପ୍ରଦୂଷଣ ନଥିଲା, ହେଲେ ଡିଆରପି କୋଇଲା ସଂସ୍ଥା ନାମକ ସଂସ୍ଥା ବାହାରୁ କୋଇଲା ଗୁଣ୍ଡ ଟ୍ରକ ଡଂଫର ମାଧ୍ୟମରେ ଆଣି ଏଠାରେ ଜମା କରି ରେକରେ ପଠାଇବା କାରବାର ଯୋଗୁ ଚିନମୟ ନଗର ଠାରୁ ୫କିଲୋମିଟର ବ୍ୟାପି କୋଇଲା ଗୁଣ୍ଡ ପ୍ରଦୁଷଣ ବଢିବାରେ ଲାଗିଛି। ଏନେଇ ଲୋକେ ବିଡିଓ, ତହସିଲଦାରଙ୍କୁ ଜଣାଇବା ସତ୍ୱେ ଫଳ ଶୁନ। ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲାକୁ ଏନେଇ ଯୋଗା ଯୋଗ କୋଜିବାରୁ ଏଭଳି କୌଣସି ସଂସ୍ଥା ଅନୁମତି ନେଇଥିବା ସେମାନେ ଜାଣିପାରୁ ନାହାନ୍ତି ତଥାପି ଫାଇଲ ଦେଖି କହିବେ ବୋଲି କହିଛନ୍ତି । ତେବେ ଏହି ବିଭାଗର ଜଣେ ଅଧିକାରୀଙ୍କ କହିବା କଥା ଯଦି କେହି ଏଭଳି ବେପାର କରେ ତେବେ ଆଇନ ଅନୁଶାରେ ଜଳ ସିଂଚନ ଠାରୁ ଆରମ୍ଭ କର ିନାନା ପ୍ରକାର ବ୍ୟବସ୍ଥା ଦ୍ୱାରା ଏହି ପ୍ରଦୁଷଣକୁ ରୋକିବା ବ୍ୟବସ୍ଥା କରିବା ଦରକାର ନଚେତ ଆଇନ ଅନୁଶାରେ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହୋଇ ସେହି କାରବାରକୁ ବନ୍ଦ କରିଦେବାର ବ୍ୟବସ୍ଥା ରହିଛି । ଖାଲି ଏତିକି ନୁହେଁ ଏହି କାରବାର କରୁଥିବା ବ୍ୟକ୍ତି ଜଣକ ସେହି ଅଁଚଳରେ ଥିବା ମୁଲ୍ୟବାନ ଗଛ ଗୁଡିକୁ କାଟି ସଫା କରିବାରେ ଲାଗିଛି, ଏହାକୁ ଲୋକେ ବିରୋଧ କରିବାରୁ ସେ ଲୋକର ଗୁଣ୍ଡାମାନେ ନାଲି ଆଖି ଦେକାଉଥିବା ର ଅଭି ଯୋଗ ହେଉଛି । ଏଭଳି ଗୁଣ୍ଡା ରାଜ ଚଳାଇ ଲୋକଙ୍କୁ ନର୍କ ଭିତରକୁ ଠେଲି ଦେଉଥିବା ବ୍ୟକ୍ତି ବିରୋଧରେ ପୁଲିସି, ଜଙ୍ଗଲ ବିଭାଗ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ନିରବ ଦ୍ରଷ୍ଟା ସାଜିଛନ୍ତି। ତେଣୁ ଲୋକେ ଆଗାମୀ ଦିନରେ ପାଖରେ ଯାଇଥିବା ୨୪୩ ଜାତୀୟ ରାଜ ପଥକୁ ସଂପୁର୍ଣ ବନ୍ଦ କରି ନ୍ୟାୟ ମାଗିବାକୁ ପ୍ରସ୍ତୁତ ହେଉଥିବା ଖବର ମିଳିଛି।






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । 'ବିବି ହୋ ୟୌସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ୍ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା'ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ




ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?




ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ପୋଷ୍ଟାଲ କର୍ମଚାରୀଙ୍କ ଦିନିକିଆ ପ୍ରତିବାଦ ଆନ୍ଦୋଳନ

କେନ୍ଦୁଝର(ପିଏନ)-କେନ୍ଦ୍ର ମିଳିତ କ୍ରିୟାନୁଷ୍ଠାନ ଡାକ କର୍ମଚାରୀ ସଂଘ ଆହ୍ୱାନ କ୍ରମେ ସାରା ଦେଶରେ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନୀତି ବିରୋଧରେ କେନ୍ଦୁଝରଗଡ ମୁଖ୍ୟ ଡାକଘରେ ଏକ ଦିନିକିଆ ପ୍ରତିବାଦାତ୍ମକ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ସଂପ୍ରତି ସମସ୍ତ କେନ୍ଦ୍ରିୟ କର୍ମଚାରୀଙ୍କୁ ବୋନସ୍ ପ୍ରଦାନ ଆଇନ୍ ୧୯୭୮ ମସିହା ଠାରୁ ପ୍ରଚଳନ କରାଯାଅଛି । କିନ୍ତୁ ଚଳିତ ବର୍ଷ କରୋନାର ଆଳ ଦେଖାଇ କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ତଥା ବୋନସ୍ ଇତ୍ୟାଦି ବର୍ତ୍ତମାନ ସୁଦ୍ଧା କର୍ମଚାରୀଙ୍କୁ ପ୍ରଦାନ କରାଗଲା ନାହିଁ । ହଜାର ହଜାର କୋଟି ଟଙ୍କା ସୌନ୍ଦର୍ଯ୍ୟକରଣ ଓ ଗସ୍ତ ଖର୍ଚ୍ଚ ଇତ୍ୟାଦିରେ ଅପବ୍ୟୟ ହେଉଥିଲେ ମଧ୍ୟ କେନ୍ଦ୍ର କର୍ମଚାରୀଙ୍କ ହକ୍ ଦାବି ପ୍ରତି ସରକାରଙ୍କ ଉଦାସିନତା ଯୋଗୁଁ କେନ୍ଦ୍ର କର୍ମଚାରୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏହାର ପ୍ରତିବାଦ ସ୍ୱରୂପ କେନ୍ଦୁଝର ଡାକଘରେ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସମ୍ପାଦକ ଅମୂଲ୍ୟ ମିଶ୍ର, ଜିଲ୍ଲା ପୋଷ୍ଟମ୍ୟାନ୍ ସମ୍ପାଦ ତ୍ରିଲୋଚନ ମହାନ୍ତ, ଜିଲ୍ଲା ଗ୍ରାମୀଣ ଡାକ ସେବକ ସମ୍ପାଦକ ସଞ୍ଜୟ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମୀଣ ଡାକ ସେବକ, ପୋଷ୍ଟାଲ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିବାଦ ସଭାରେ ପୂର୍ବତନ ରାଜ୍ୟ ସର୍କଲ ସମ୍ପାଦକ ନିର୍ମଳ ସିଂ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସମ୍ପାଦକ ଅମୂଲ୍ୟ ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ ଇତିହାସର ପ୍ରଥମଥରପାଇଁ କେନ୍ଦ୍ର ସରକାର କର୍ମଚାରୀଙ୍କୁ ଶୋଷଣ କରିବାରେ ସଂଙ୍କଳ୍ପ ନେଇଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ ଏତାଦୃଶ ଅନ୍ୟାୟ ଆଦେଶ ପାଇଁ କର୍ମଚାରୀମାନେ ଏହାର ଘୋର ବିରୋଧ କରିବା ବ୍ୟତୀତ ଅନ୍ୟ ବିକଳ୍ପ କିଛିନାହିଁ । ଗ୍ରାମୀଣ ଡାକ ସେବକ ଜିଲ୍ଲା ସମ୍ପାଦକ ସଞ୍ଜୟ ପଣ୍ଡା ଗ୍ରାମୀଣ ଡାକ ସେବକଙ୍କ ବହୁବିଦ୍ଧ ସମସ୍ୟା ସମନ୍ଧେ ଦୃଷ୍ଟି ଆକର୍ଷଣ କରିଥିଲେ । ସେମାନେ ଡାକ ବିଭାଗର ମେରୁଦଣ୍ଡ ହୋଇଥିଲେ ହେଁ ସବୁଠାରୁ ଅବହେଳିତ ଅବସ୍ଥାରେ ଅଛନ୍ତି । ସାମାନ୍ୟ କେଇଟଙ୍କା ଦରମାରେ ବର୍ତ୍ତମାନର ଏକ ନିଅଁଣିଆ ସମୟରେ ପରିବାର ପ୍ରତିପୋଷଣ ଯେ କେତେ କଷ୍ଟ ସେକଥା ଅବର୍ଣ୍ଣନୀୟ ବୋଲି କହିଥିଲେ । ଗ୍ରାମୀଣ ଡାକ ସେବକଙ୍କ ଅବସର ପରେ ଟଙ୍କାଟିଏ ମଧ୍ୟ ପେନ୍‌ସନ୍ ବ୍ୟବସ୍ଥା ନାହିଁ । ସାରା ଜୀବନ ଯେଉଁ ବିଭାଗ ପାଇଁ କଷ୍ଟ ସ୍ୱୀକାର କରିଛନ୍ତି ଅବସର ପରେ ସେମାନେ ନିକୃଷ୍ଟତମ ବୃତ୍ତି ମଧ୍ୟ ଆଦରି ନେବାର ଦୃଷ୍ଟାନ୍ତ ରହିଛି । ସାରା ବିଶ୍ୱରେ ଏ ପ୍ରକାର ବ୍ୟବସ୍ଥା କେଉଁଠାରେ ମଧ୍ୟ ଦେଖାଯାଇ ନାହିଁ ବୋଲି ମଧ୍ୟ ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ । ସରକାର ସହାନୁଭୁତିଶୀଳ ହୋଇ ତୁରନ୍ତ ଏମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା କରାଯିବାକୁ ଦାବି କରିଥିଲେ ତଥା ମହଙ୍ଗା ଭତ୍ତା ଓ ବୋନସ୍ ଅବିଳମ୍ୱେ ପ୍ରଦାନ କରାଯିବାକୁ ଦାବି ରଖିଲେ । ନିଜର ହକ୍ ହାସଲ ପାଇଁ ସଙ୍ଗବଦ୍ଧ ଭାବେ ସମସ୍ତ କର୍ମଚାରୀ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ । କର୍ମଚାରୀଙ୍କ ହକ୍ ଦାବି ପ୍ରତି ସରକାର କାଳକ୍ଷେପଣ ନୀତି ପ୍ରୟୋଗ କଲେ ଆଗାମୀ କାଲି ସଂଗ୍ରାମ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପରମାନନ୍ଦ ଦାସ, ଲକ୍ଷ୍ମଣ ମହାପାତ୍ର, ବିଦ୍ୟାଧର ସିଂ, କବିତା ମହାନ୍ତ, ପୁଷ୍ପଲତା ମହାନ୍ତ, ସନାତନ ସାହୁ, ବିଦ୍ୟାଧର ଦେହୁରୀ, ମହେନ୍ଦ୍ର ମହାନ୍ତ, ତ୍ରିନାଥ ରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବୋନସ ଦାବି ନେଇ ଠିକା ଶ୍ରମିକମାନେ ବିଚାକୁଣ୍ଡି ଟାଟା ଷ୍ଟିଲ କାର୍ଯ୍ୟାଳୟ ଘେରାଉ



ଯୋଡା,(ପିଏନ)- ବର୍ଦ୍ଧିତ ହାରରେ ବୋନସ ଦାବି କରି ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଟାଟା ଷ୍ଟିଲ୍ ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ପରିଚାଳନାଧିନ ବିଚାକୁଣ୍ଡି ଓ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ ଅନୁବନ୍ଧିତ କରୋନେସନ ଇଣ୍ଡିଆ ପ୍ରାଇଭେଟ୍ ଲିଃ (ସିଆଇପିଏଲ) ନାମକ ଜୈନିକ ଖଣି ଠିକା ସଂସ୍ଥାରେ କାମ କରୁଥିବା ଶତାଧିକ ଠିକା ଶ୍ରମିକ ଗତକାଲି ଠାରୁ ବିଚାକୁଣ୍ଡି ମାଙ୍ଗାନିଜ ଖଣିର ଟାଟା ଷ୍ଟିଲ କାର୍ଯ୍ୟାଳୟକୁ ଘେରାଉ କରିଥିବାର ଖବର ମିଳିଛି । ଶାନ୍ତି ଶୃଙ୍ଖଳା ନିମନ୍ତେ ଯୋଡା ପୁଲିସ ଘଟଣା ସ୍ଥଳରେ ନିୟୋଜିତ ରହିଥିବାର ସୂଚନାରୁ ପ୍ରକାଶ । ଅନ୍ୟପକ୍ଷେ ସମାନ କାରଣରୁ ସିଆଇପିଏଲ ଅଧିନରେ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ କାର୍ଯ୍ୟରତ ଶତାଧିକ ଠିକା ଶ୍ରମିକ ଗତ ୮ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ଥିବାର ଖବର ମିଳିଛି । ନିୟମ ମୁତାବକ ସିଆଇପିଏଲ ଉଭୟ ଖଣି ନିମନ୍ତେ ୮.୩୩ ଶତକଡା ବୋନସ ଘୋଷଣା ପରେ ଠିକା ଶ୍ରମିକଙ୍କ ପକ୍ଷରୁ ଅଧିକ ବୋନସ ଦାବିରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାର ଖବର ମିଳିଛି । ତେବେ ୨୦୧୯ ରେ ବିଚାକୁଣ୍ଡି ଖଣି ଠିକା ଶ୍ରମିକ ୧୨ ଶତକଡାରୁ ଉର୍ଦ୍ଧ୍ୱ ରାଶି ପୂଜା ବୋନସ ଆକାରରେ ପାଇଥିବା ବେଳେ ୨୦୨୦ ଚଳିତ ବର୍ଷ ମହାମାରୀ କରୋନାକୁ ନେଇ ଆର୍ଥିକ ସ୍ଥିତି ଉଜାଡି ଯାଇଥିବା ହେତୁ କମ୍ପାନୀ କ୍ଷତି ସହୁଥିବାରୁ ବନୋସ ହାର ୮.୩୩ ଶତକଡା ଘୋଷଣା କରିଥିଲେ । ଏହାର ବିରୋଧ କରି ଶ୍ରମିକ ମାନେ ଟାଟା ଷ୍ଟିଲ ଅଫିସ ଘେରାଉ କରିବା ପରେ ଉକ୍ତ ଠିକାଦାର ୧୦.୫ ଶତକଡା ବଢାଇଥିଲେ ମଧ୍ୟ ଖଣ୍ଡବନ୍ଧ ଖଣି ଠିକା ଶ୍ରମିକ ୧୫ ଶତକଡା ପୂଜା ବୋନସ ପାଇଁ ଜିଦର ଅଟଳ ରହିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ, ୨୦୧୮ ଅଗଷ୍ଟ ମାସରୁ ସିଆଇପିଏଲ ସଂସ୍ଥା ସମ୍ପୃକ୍ତ ଖଣି ଦ୍ୱୟରେ ମାଙ୍ଗାନିଜ ଖନନ, ଉତ୍ତୋଳନ, ପରିବହନ ଓ ପ୍ରକ୍ରିୟାକରଣ ନିମନ୍ତେ ନିୟୋଜିତ ହୋଇ ସେପ୍ଟେମ୍ବର ମାସରୁ କାର୍ଯ୍ୟ ଆରମ୍ଭ କରିଥିଲେ । ଅପରପକ୍ଷେ ପ୍ରିନ୍ସିପାଲ ଏମ୍ପ୍ଲୟର ଟାଟା ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ସହ ଚୁକ୍ତିନାମା ମୁତାବକ ଓ ନିୟମ ଅନୁଯାୟୀ ବିଗତ ଆର୍ଥିକ ବର୍ଷର ସେପ୍ଟେମ୍ବର ରୁ ମାର୍ଚ୍ଚ ସାତ ମାସ ନିମନ୍ତେ ୧୦.୫ ଶତକଡା ବୋନସ ଧାର୍ଯ୍ୟ ଘଟଣାକୁ ନ୍ୟାଯ୍ୟ ବୋଲି କହିବା ସହ କମ୍ପାନୀର ଅନ୍ୟ ଭେଣ୍ଡର ସମୂହ ସମାନ ବୋନସ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିବାର ସିଆଇପିଏଲ ପକ୍ଷରୁ ଏହାର ମହାପ୍ରବନ୍ଧକ ଅନୁଭବ ଦତ୍ତ ନିଜ ଜିଦରେ ଅଟଳ ଥିବାର ଖବର ମିଳିଛି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଖଣି ଠିକା ସଂସ୍ଥା ଓ ଠିକା ଶ୍ରମିକଙ୍କ ମଧ୍ୟରେ କୌଣସି ପ୍ରକାର ସହମତି ପ୍ରକାଶ ପାଇନଥିବାରୁ ଘଟଣା ସ୍ଥଳରେ ଚପା ଉତ୍ତେଜନା ଲାଗି ରହିଥିବା ସହ ଦାବି ପୂରଣ ନ ହେଲେ ଗତକାଲି ଠାରୁ ଖଡବନ୍ଧ ଖଣିକୁ ଶ୍ରମିକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଚେତାବୀ ଦେଇଥିବା ଖବର ମିଳିଛି ।

# ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## କ୍ରାଇମବ୍ରାଂଚ ତଦନ୍ତ ଦାବି କଲା ପରିବାର




କେନ୍ଦ୍ରାପଡା, (ପିଏନ)-ଅଧିକ ଯୌତୁକ ଦାବିକରି ମହିଳାଙ୍କୁ ନିର୍ଯ୍ୟାତନା ଦେଇ ହତ୍ୟା କରିଥିବା ଘଟଣାରେ ପୋଲିସର ଉଦାସୀନତା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମୃତ ମହିଳାଙ୍କ ପରିବାର ଲୋକେ । ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜରିଆବାଡ ଗ୍ରାମର ବୁଲାକର ମଳିକଙ୍କ ପୁଅ ନାରାୟଣ ମଳିକ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀ ସସ୍ମିତା ମଳିକ ଗତ ୧୪ବର୍ଷ ତଳେ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ବାଇଧର ମଳିକଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟ ସସ୍ମିତା ଓ ବାଇଧରଙ୍କ ମଧ୍ୟରେ ପାଟିଗୋଳ ଆରମ୍ଭ ହୋଇଥିଲା । କାରଣ ବାଇଧର ଅନ୍ୟଏକ ଝିଅକୁ ଭଲପାଉଥିଲା । ଏହି ପାଟିଗୋଳ ହେବା ପରେ ତାଙ୍କ ଭଉଣୀ ବାପଘରକୁ ଚାଲିଯାଏ । ଶାଶୁଘର ଲୋକେ କିଛିଦିନ ପରେ ଯାଇ ସସ୍ମିତାକୁ ବୁଝାଶୁଝା କରି ନେଇଆସିଥାନ୍ତି । ଏଭଳି ବାରମ୍ୱାର ହୋଇଥାଏ । ତାଙ୍କ ଭଉଣୀର ଶାଶୁ ଭାରତୀ ମଳିକ, ଦିଅର ଧକି, ଯାଆ ପୁଷ୍ପା, ମାମୁଁ ଆଦିକନ୍ଦ ପ୍ରମୁଖ ମିଶି ତାଙ୍କ ଭଉଣୀ ସସ୍ମିତାକୁ ଅଧିକ ଯୌତୁକ ଦାବୀକରି ସସ୍ମିତାକୁ ମାନସୀକ, ଶାରୀରିକ ନିର୍ଯ୍ୟାତନା ଦେଇଥିବା ସମ୍ପର୍କରେ ତାଙ୍କ ଭଉଣୀ ପୂର୍ବରୁ ଜଣାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଶେଷରେ ତାଙ୍କ ଭଉଣୀକୁ ସମସ୍ତେ ମିଶି ମାରିଦେଇଥିବା ମଧ୍ୟ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ସଦର ଥାନା ପୋଲିସ ୨୩୭/୨୦୨୦ରେ ଆଇପିସିର ଧାରା ୪୯୮(କ),୩୦୨,୩୪ଦଫାରେ ଏବଂ ଯୌତୁକ ନିରୋଧ ଆଇନ ୪ ଅନୁଯାଇ ଏକ ମାମଲା ରୁଜୁକରିଛନ୍ତି । ସଦର ଥାନା ପୋଲିସ ମୃତକର ସ୍ୱାମୀ ବାଇଧର ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଏବଂ ବିବାହ ସମୟରେ ଝିଅ ସସ୍ମିତାକୁ ଦିଆଯାଇଥିବା ସମସ୍ତ ଜିନିଷ ନଫେରାଇବା ଘଟଣା ଏବଂ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପୋଲିସ ଉଦ୍ୟମ କରୁଥିବା ଘଟଣା ପୋଲିସର ନୀରପେକ୍ଷତା ଉପରେ ସନ୍ଦେହ ପ୍ରକାଶ କରି ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିସହିତ ଏହି ହତ୍ୟା ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରାଯିବାକୁ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପରିବାର ପକ୍ଷରୁ ନାରାୟଣ ମଳିକ, ଶୁକାନ୍ତି ମଳିକ, ବିନିତା ମଳିକ, ସୁଷମା ମଳିକ, ରଚନା ମଳିକ ପ୍ରମୁଖ ଦେଇଛନ୍ତି ।

# କନ୍ଧମାଳ ଜିଲ୍ଲା ପରିଷଦର ତୃତୀୟ ଅଧିବେଶନ ଅନୁଷ୍ଠିତ

କନ୍ଧମାଳ ,(ପି.ଏନ): ମଙ୍ଗଳ ବାର କନ୍ଧମାଳ ଜିଲ୍ଲା ପରିଷଦ ର ତୃତୀୟ ଅଧିବେଶନ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲାପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦଡ଼ଃ. ଅଚ୍ୟୁତ ସାମନ୍ତ ସମେତ ଫୁଲବାଣୀ, ବାଲିଗୁଡା ଓ଼ଜି ଉଦୟଗିରି ବିଧାୟକ, ଜିଲ୍ଲା ପରିଷଦ ଉପାଧକ୍ଷା ଓ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇଥିଲେ । ତେବେ, ବୈଠକ ଆରମ୍ଭ ହେବାପୂର୍ବରୁ ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟା ମାନେ ଜିଲାର ବିଭିନ୍ନ ବିଭାଗ ର ସରକାରୀ ଅଧିକାରୀମାନେ ଜ଼ିଲ୍ଲାପରିଷଦ ର ନିର୍ବାଚିତ ସଦସ୍ୟ ମାନଙ୍କୁଗୁରୁତ୍ୱ ନ ଦେଇ ଅଣଦେଖା କରୁଥିବା, ଫୋନ୍ କଲ ରିସିଭ କରୁନଥିବା, ଅଭିଯୋଗ କରି ବୈଠକକୁ ବର୍ଜନ କରି ଗୃହରୁ ବାହାରି ଯାଇଥିଲେ । ରୀତିମତ ଏହି ଅଭିଯୋଗ କରାଯାଉଥିଲେ ବି ଅଧିକାରୀ ମାନେ ଶୁଣୁନାହାନ୍ତି । ପରିସ୍ଥିତି ଜଟିଳ ହେବାର ଦେଖି ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଓ ବାଲିଗୁଡା ବିଧାୟକ ଚକ୍ରମଣି କହଁର ସଦସ୍ୟ ମାନଙ୍କୁ ବୁଝାଇ ଗୃହକୁ ଫେରାଇ ଆଣିଥିଲେ । ସଦସ୍ୟମାନେ ଏହି ସଂକ୍ରାନ୍ତରେ ଏକ ୮ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ପରେ ଜିଲ୍ଲାର ବିଭିନ୍ୟ ସମସ୍ୟା ଓ ଯୋଜନା ଉପରେ ଆଲୋଚନା ହୋଇଥିଲା । ଲୋକପ୍ରତିନିଧି ଓ ସରକାରୀ ଅଧିକାରୀ ମାନେ ମିଶି ନିଷ୍ଠା ଓ ଆନ୍ତରିକତାର ସହ ଉନ୍ନୟନ ମୂଳକ କାର୍ଯ୍ୟ କରିବା ଲାଗି ସାଂସଦ ଡ଼ଃ ସାମନ୍ତ ପରାମର୍ଶ ଦେଇଥିଲେ । ସରକାରଙ୍କ ଲୋକହିତକର ଯୋଜନା ରେ ଯେପରି ଗ୍ରାମାଂଚଳ ର ଲୋକେ ଯେପରି ଅଧିକ ଉପକୃତ ହେବେ ସେଥିପ୍ରତି ସତର୍କ ଦୃଷ୍ଟି ଦେବାଲାଗି ସାଂସଦ ସାମନ୍ତ ଆହୁରି କହିଥିଲେ । ବୈଠକ ରେ ବିଶେଷଭାବେ ଜିଲ୍ଲାର କମ ସଂଖ୍ୟକ ଛାତ୍ର ଛାତ୍ରୀ ଥିବା କିଛି ପ୍ରାଥମିକ ସ୍କୁଲକୁ ସରକାର ଉଠାଇଦେଇଥିବାରୁ ତୁରନ୍ତଚଳିତ ଶିକ୍ଷା ବର୍ଷ ରେ ଖୋଲିବାଲାଗି ଦାବି କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ଭୁଲ ରିପୋର୍ଟ ପାଇଁ ବହୁ ସ୍କୁଲ ବନ୍ଦ ହୋଇଥିବା ଉପସ୍ଥିତ ସମସ୍ତ ସଦସ୍ୟଓ ସଦସ୍ୟା ଅଭିଯୋଗ କରିଥିଲେ । ସେହିପରିଦୁର୍ଗମ ଅଂଚଳ କୋଟଗଡ ଓ଼ତୁମୁଡିବନ୍ଧ ଫିରିଙ୍ଗିଆ ସମେତ ବିଭିନ୍ନ ଅଚଳରେ ନିମ୍ନମାନର ରାସ୍ତା ନିର୍ମାଣ କୁ ନେଇ ବିଧାୟକମାନେ ଅଭିଯୋଗ ଆଣିଥିଲେ । ଏମଜିଏନଆର ଜିଏସ କାମରେ ଲୋକଙ୍କ ବଦଳରେକେତକ ସ୍ଥାନରେ ମେସିନ ରେ କାମ ହେଉଥିବା ନେଇ ଅଭିଯୋଗ ଆଣିଥିଲେ । ଏହା ଦ୍ୱାରା ଲୋକକମାନେ କାମ ଧନ୍ଦା ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା କହିଥିଲେ । ଅନ୍ୟ ମାନଙ୍କ ମଧ୍ୟ ରେ ଏହି ବୈଠକରେ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ, ଓ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମହାକାଳପଡାରେ ଜ୍ୟୋତିବା ଫୁଲେ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବିଜେପି ତରଫରୁ ଗୋବରୀ ମଣ୍ଡଳ ୧୯ ନଂ ଜୋନ୍‌ରେ ଜ୍ୟୋତିବା ଫୁଲେଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ଓବିସି ମୋର୍ଚ୍ଚା ସଂପାଦକ ଡ଼ ଢ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜ୍ୟୋତିବା ଫୁଲେଜୀଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ବୁଥ୍ କମିଟି ଗଠନ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଓବିସି ମୋର୍ଚ୍ଚା ସଭାପତି ସତ୍ୟ ପ୍ରକାଶ ସାମଲ, ଶକ୍ତି କେନ୍ଦ୍ର ପ୍ରମୁଖ ରାମଚନ୍ଦ୍ର ରାଉତ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କୋଶବ ଚନ୍ଦ୍ର ଭୋଳ, ବ୍ରହ୍ମାନନ୍ଦ ବେହେରା, ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ଅହଲ୍ୟା ରାଉତ ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ରମେଶ ପ୍ରଧାନ, ଉପ ସଭାପତି ଦିଲିପ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ୱା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ୱାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ୱା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।



ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Thursday April 13, 2023 ଭୁବନେଶ୍ୱର ଗୁରୁବାର, ଅପ୍ରେଲ ୧୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# କିଟ୍‌ରେ Y-୨୦ କନ୍‌ସଲ୍‌ଟେସନ୍ ସମ୍ମିଳନୀ: ଯୋଗଦେବେ ୨୦ ଦେଶର ସାଂସଦ

ଭୁବନେଶ୍ୱର,(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟ ସମ୍ମାନଜନକ ୟୁଥ-୨୦ କନ୍‌ସଲ୍‌ଟେସନ୍ ସମ୍ମିଳନୀ ଅପ୍ରେଲ୍ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଆମେରିକା, ବ୍ରିଟେନ୍, ଜର୍ମାନ୍, ୟୁକ୍ରେନ୍, ସୁଇଜରଲାଣ୍ଡ, ପୋଲାଣ୍ଡ, ଆର୍ମେନିଆ, ସ୍ଲୋଭାକିଆ, ବୁଲ୍‌ଗେରିଆ, କଙ୍ଗୋ, ଆଇଭେରି କୋଷ୍ଟ ଆଦି ୨୦ ଦେଶର ସାଂସଦଙ୍କ ସମେତ ୫ଟି ଦେଶର କୂଟନୀତିଜ୍ଞ ଓ ଭାରତର ୨୫ଜଣ ସାଂସଦ ଯୋଗ ଦେବେ। ଏହା ବ୍ୟତୀତ ବିଭିନ୍ନ ଦେଶର ୨ଶହରୁ ଉର୍ଦ୍ଧ୍ୱ ଶିକ୍ଷାବିତ୍ ଓ ଟେକ୍ନୋକ୍ରାଟ୍ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୪ ତାରିଖରେ ଉଦ୍‌ଘାଟିତ ହେବାକୁ ଥିବା ଏହି ସମ୍ମିଳନୀରେ କେନ୍ଦ୍ର ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେବାକୁ ଥିବା ବେଳେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ଯୋଗାଣ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଇଲେକ୍ଟ୍ରୋନିକ୍‌ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥି ଭାବେ ଯୋଗଦେବେ। ସୂଚନାଯୋଗ୍ୟ, ଏହି ସମ୍ମିଳନୀ ଜି-୨୦ ଶିଖର ସମ୍ମିଳନୀର ସାମଗ୍ରିକ ଢାଞ୍ଚାରେ ଅନ୍ତର୍ଭୁକ୍ତ। ଚଳିତବର୍ଷ ଭାରତ ଜି-୨୦ ଶିଖର ସମ୍ମିଳନୀ ଆୟୋଜନ କରୁଛି। ଜି-୨୦ ଦେଶଗୁଡ଼ିକର ବିଭିନ୍ନ ସମସ୍ୟା ଚିହ୍ନଟ, ଆଲୋଚନା ଏବଂ ଜି-୨୦ ଶିଖର ସମ୍ମିଳନୀରେ ଏହିସବୁ ସମସ୍ୟାର ସମାଧାନ ନିମନ୍ତେ ଏକ ଢାଞ୍ଚା ପ୍ରସ୍ତୁତି କରିବା ଦିଗରେ ଯୁବବର୍ଗଙ୍କୁ ସଶକ୍ତ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ୟୁଥ-୨୦ ସମ୍ମିଳନୀ ଆୟୋଜନ କରିବା ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ୟୁଥ-୨୦ର ବିଭିନ୍ନ କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ଦେଶର ୨ଶହରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟ ୧୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସମ୍ପୃକ୍ତ କରିବ। ଏହି କାର୍ଯ୍ୟକ୍ରମର ନିଷ୍କର୍ସ ୟୁଥ-୨୦ ସମ୍ମିଳନୀରେ ବିନିମୟ କରାଯିବ। ୟୁଥ-୨୦ର ବିଷୟବସ୍ତୁ ରହିଛି- 'ଯୁବସମାଜ ଗଠନ: ହାନିକାରକ ପ୍ରଯୁକ୍ତି ବିଦ୍ୟା ଜରିଆରେ ଏକ ସ୍ଥାୟୀ, ସ୍ଥିର ଓ ଶାନ୍ତି-କାମୀ କର୍ମଜୀବି ଯୁବସମାଜର ସଂରଚନା'।

## ପାରାଦୀପ କ୍ରିକେଟ ଲିଗ ପାଇଁ ଖେଳାଳି ନିଲାମ ଶେଷ : ଏପ୍ରିଲ ୧୬ ରେ ଉଦଘାଟନ

ପାରାଦୀପ,(ପି.ଏନ): ପାରାଦୀପ କ୍ରିକେଟ ଲିଗ -୨୦୨୩ ପ୍ରଥମ ବାର୍ଷିକ ଟୁର୍ଣ୍ଣାମେଣ୍ଟ ପାରାଦୀପ ର ମଧୁବନ କ୍ରିକେଟ ପଡିଆରେ ଚ଼ଳିତ ୧୬ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ରେ ଉଦଯାପିତ ହେବ । ତେବେ ଏହି ଲିଗରେ ଭାଗ ନେଉଥିବା ୬ ଟି ଦଳର ଖେଳାଳି ନିଲାମ ପ୍ରକ୍ରିୟା ମଙ୍ଗଳବାର ଦିନ ଶେଷ ହୋଇଯାଇଛି କ୍ଷ ଏହି ନିଲାମ ପ୍ରକ୍ରିୟାରେ ବିଭିନ୍ନ ଦଳର ମାଲିକ ମାନେ ୯୦ ଜଣ ଖେଳାଳି ଙ୍କୁ କିଣିଥିବା ନେଇ ପାରାଦୀପ କ୍ରିକେଟ ଲିଗ କମିଟିର ସଭାପତି ରବୀନ୍ଦ୍ର ଦାସ ସୂଚ଼ନା ଦେଇଛନ୍ତି । ଦୀର୍ଘ ଦିନ ପରେ ପାରାଦୀପ ସହରରେ ଏପରି ଏକ ପେସାଦାର ଲିଗ ଆୟୋଜିତ ହେଉଥିବାରୁ ଏଥିରେ ପ୍ରବଳ ଜନ ସମାଗମ ହେବା ସଙ୍ଗେ ସଙ୍ଗେ ଯୁବ କ୍ରୀଡ଼ାବିତ ମାନେ ପ୍ରୋତ୍ସାହିତ ହେବେ ।

# କେନ୍ଦ୍ରାପଡାର ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ

## ଶହ ଶହ ନଳକୂପ ଅଚଳ ଅବସ୍ଥାରେ, ବିଭାଗ ନିଦାବିଷ୍ଟୁ ସାଜିଛି

କେନ୍ଦ୍ରାପଡ଼ା, (ପି.ଏନ): ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପାନୀୟ ଜଳ ସଙ୍କଟ ତୀବ୍ରତର ହେବାରେ ଲାଗିଛି । ନଦୀ, ନାଳ ଓ ପୋଖରୀ ଗୁଡିକ ଶୁଖିଯାଉଥିବାରୁ ଭୂତଳ ଜଳସ୍ତର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକର ୨୪୯ଟି ପଞ୍ଚାୟତରେ ୧୭ହଜାର ୨୩୮ଟି ସଚଳ ନଳକୂପ ଥିବା ଗ୍ରାମୀଣ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏତଦବ୍ୟତୀତ ଏହି ୯ଟି ବ୍ଲକରେ ୩୭୬ଟି ପାଇପ ଯୋଗେ ଜଳଯୋଗାଣ ପ୍ରକଳ୍ପ ଏବଂ ୨୪୭ଟି ଓଭରହେଡ ପାଣି ଟାଙ୍କିଦ୍ୱାରା ମଧ ଜଳଯୋଗାଣ ହେଉଥିବା ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି । କାର୍ଯ୍ୟକ୍ଷମ ଥିବା ୧୭ହଜାର ୨୩୮ଟି ନଳକୂପକୁ ବାଦ ଦେଲେ ମାତ୍ର ୧୪୭ଟି ନଳକୂପ ଅଚଳ ଥିବା ବିଭାଗ ପକ୍ଷରୁ କୁହାଯାଇଛି । କିନ୍ତୁ ବାସ୍ତବରେ ବେସରକାରୀ ଭାବେ ଅଚଳ ନଳକୂପ ସଂଖ୍ୟା ବହୁ ଅଧିକ । ଜଳସ୍ତର କମିଯାଉଥିବାରୁ ବହୁ ନଳକୂପରୁ ଆଉ ପାଣି ବାହାରୁ ନାହିଁ । ବିଦ୍ୟୁତ ବିଭ୍ରାଟ ଯୋଗୁଁ ପାଇପ ଯୋଗେ ଜଳ ଯୋଗାଣ ଏବଂ ଓଭରହେଡ ପାଣି ଟାଙ୍କିଗୁଡିକ ମଧ ମଝିରେ ମଝିରେ ଦୀର୍ଘ ସମୟ ଧରି ଅଚଳ ହୋଇପଡୁଥିବାରୁ ଲୋକମାନଙ୍କର ପାନୀୟ ଜଳ ସମସ୍ୟା ବୃଦ୍ଧି ପାଇଛି । ନଳକୂପ ନଥିବା କିମ୍ବା ନଳକୂପରେ ଲୁଣାପାଣି ପଡୁଥିବା ସମୁଦ୍ରକୂଳିଆ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ ପାଇଁ ବ୍ୟବସ୍ଥା ଥିବା ସତ୍ତ୍ୱେ ଏହି ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ଟ୍ୟାଙ୍କର ନଥିବାରୁ ଚିହ୍ନଟ ହୋଇଥିବା ଜଳକ୍ଲିଷ୍ଟ ଅଞ୍ଚଳକୁ ବିଭାଗ ପକ୍ଷରୁ ପାନୀୟ ଜଳଯୋଗାଣ ସମ୍ଭବ ହୋଇପାରିନାହିଁ । ଫଳରେ ସେହିସବୁ ଜଳକ୍ଲିଷ୍ଟ ଅଞ୍ଚଳର ଲୋକମାନେ ଲୁଣାପାଣି ପିଇବା ସହିତ ଗାଡିଆ ପୋଖରୀରୁ ଦୂଷିତ ପାଣି ଓ ଶୁଖିଲା ପଡିଥିବା ନଦୀ ବାଲିରେ ଗାତ ଖୋଳି ପାନୀୟଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି । ୨ବର୍ଷ ତଳେ ଜିଲ୍ଲାର ବିଭିନ୍ନ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଶତାଧିକ ଓଭରହେଡ ପାଣି ଟାଙ୍କି ନିର୍ମାଣ ପାଇଁ ଟେଣ୍ଡର ଡକା ଯାଇଥିଲା । କିନ୍ତୁ ଅବଧି ଶେଷ ହୋଇଥିବା ସତ୍ତ୍ୱେ ବିଭିନ୍ନ ବ୍ଲକରେ ଅଧିକାଂଶ ଓଭରହେଡ ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ଉଦାହରଣ ସ୍ୱରୂପ କେନ୍ଦ୍ରାପଡା ବ୍ଲକର ନିକିରାଇ ପଞ୍ଚାୟତର ପାଇକରାପୁର, ନିକିରାଇ ଏବଂ ହରିପୁରଠାରେ ୩ଟି ଓଭରହେଡ ପାଣି ଟାଙ୍କି ନିର୍ମାଣ ପାଇଁ ୨ବର୍ଷ ତଳେ ଟେଣ୍ଡର ହୋଇଥିଲା । ସେଥିମଧ୍ୟରୁ ପାଇକରାପୁର ଓଭରହେଡ ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ପ୍ରତିଦିନ ୭ଘଣ୍ଟା ଓଭରହେଡ ପାଣି ଟାଙ୍କିରୁ ଜଳଯୋଗାଣ ପାଇଁ ବ୍ୟବସ୍ଥା ଥିବାବେଳେ ସେହି ଟାଙ୍କିରୁ ସକାଳେ ୧ଘଣ୍ଟା ଏବଂ ସନ୍ଧ୍ୟାରେ ୧ଘଣ୍ଟା ଜଳଯୋଗାଣ ହେଉଛି । ହରିପୁର ଖମାର ପଡିଆରେ ଓଭରହେଡ ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ସେହି ଟାଙ୍କିକୁ ବିଦ୍ୟୁତ ସଂଯୋଗ କରାଯାଇନଥିବାରୁ ସେହି ପାଣି ଟାଙ୍କିଟି କାର୍ଯ୍ୟକ୍ଷମ ହୋଇପାରିନାହିଁ । ନିକିରାଇ ବାଳିକା ହାଇସ୍କୁଲ ପାଖରେ ନିର୍ମାଣାଧିନ ଟାଙ୍କିର କେବଳ ମୂଳଦୁଆ ପକାଇ ସମ୍ପୃକ୍ତ ଠିକାଦାର ସେହି ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ବନ୍ଦ କରିଦେଇଛନ୍ତି । ଏ ସମ୍ପର୍କରେ ବ୍ଲକ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ, ବିଭାଗୀୟ ସହକାରୀ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରାଯାଉଥିଲେ ସୁଦ୍ଧା ସେହି ଟାଙ୍କିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉନାହିଁ କିମ୍ବା ହରିପୁର ଖମାର ପଡିଆରେ ନିର୍ମିତ ଓଭରହେଡଟାଙ୍କିକୁ ବିଦ୍ୟୁତ ସଂଯୋଗ କରାଯାଉନାହିଁ ।

## ଧକୋଠା ଠାରେ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କୁ ସମ୍ବର୍ଦ୍ଧନା

ଘଷିପୁରା:(ପି.ଏନ): ଆନନ୍ଦପୁର ଉପଖଣ୍ଡ ଧକୋଠା ଠାରେ ରାମ ଅଭିଷେକ ପୂଜା ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ଗର୍ବ ଓ ଗୌରବ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧନା କମିଟିର ସଭାପତି ପଦ୍ମନାଭ ମହା'ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ବ୍ରଜ କିଶୋର ସାହୁ, ଧକୋଠା ସରପଂଚ ବୀରଭଦ୍ର ସେଠି ଓ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ନିରାମୟ ଜୀବନ କାମନା କରିବା ସହିତ କମିଟି ପକ୍ଷରୁ ତାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଅରୁଣ ଖିଲାର, କୋଷାଧକ୍ଷ ଧିରେନ୍ଦ୍ର ସାହୁ, ସହସମ୍ପାଦକ ନିରନ ମିଶ୍ର, ଉପସଭାପତି ଉଦୟ ଗୁପ୍ତାଙ୍କ ସମେତ ଉପଦେଷ୍ଟା ମଣ୍ଡଳୀର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ନିଶିକା' ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଳପୁଆ ହାଇସ୍କୁଲ ୧୯୯୧ବ୍ୟାଚ ବନ୍ଧୁମିଳନ ଓ ଗୁରୁ ପୂଜନ



କେନ୍ଦ୍ରାପଡ଼ା,(ପି.ଏନ) :କେନ୍ଦ୍ରାପଡା ଜିଲ୍ଲାର ଅଳପୁଆ ନୋଡାଲ ହାଇସ୍କୁଲ ପରିସରରେ ୧୯୯୧ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ବିଶ୍ୱଜିତ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ବନ୍ଧୁମିଳନ ଓ ଗୁରୁ ପୂଜନ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ଭଗବାନ ରାଉତ, ବିଶ୍ୱନାଥ ଦାସ, ବିଷ୍ଣୁ ଚରଣ ଧଳ, ନୀଳମଣି ଶତପଥୀ,ସୁଦର୍ଶନ ଦାସ, ଦାମୋଦର ଧଳ, କାର୍ତ୍ତିକ ରାଉତ, ବାସୁଦେବ ବିଶ୍ୱାଳ, ମୁରଲୀଧର ନାଥଶର୍ମା, ଗୋବିନ୍ଦ ସାହୁ, ସୁରେନ୍ଦ୍ର ମହାନ୍ତି ଏବଂ ବର୍ତ୍ତମାନର ଶିକ୍ଷକ ସୁକାନ୍ତି ନାଥଶର୍ମା, ଚିରଞ୍ଜିବି ସାହୁ, ଲକ୍ଷ୍ମୀପ୍ରିୟା ନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ପୁରାତନ ଛାତ୍ର ବିଭୁପ୍ରସନ୍ନ ଦାସ, ପ୍ରଦିପ ବିଶ୍ୱାଳ, ରମାକାନ୍ତ ସାହୁ, ସୁଦର୍ଶନ ଧଳ, କୁଞ୍ଜବିହାରୀ ଧଳ, ଅକ୍ଷୟ କୁମାର ରାଉତ, ଶ୍ରୀଧର ସାହୁ, ଅକ୍ଷୟ ସାହୁ, ସନ୍ତୋଷ ସାହୁ, ପ୍ରବୋଧ ମହାନ୍ତି, ଉମାକାନ୍ତ ସାହୁ, ଉମେଶ ପ୍ରସାଦ ଦାସ, ମନୋଜ ନାୟକ, ବନ୍ଦନା ରାଉତ, ପଲ୍ଲିତା ପ୍ରଧାନ, ପ୍ରସନ୍ନମଞ୍ଜରୀ ଦାସ, ଭାବିଲତା ବିହାରୀ, ସ୍ନେହଲତା ବିଶ୍ୱାଳ, ସୁକାନ୍ତି ଧଳ, ତପସ୍ୱିନୀ ସାହୁ ପ୍ରମୁଖ ସ୍କୁଲ ଜୀବନର ସ୍ମୃତି ଅବତାରଣା କରିବା ସହିତ ଏହି ମହାନ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ଶପଥ ନେଇଥିଲେ । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ଶିକ୍ଷାଗୁରୁ ଓ ବିଦ୍ୟାଳୟର ଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା କରିବା ସହିତ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ । ପରଲୋକ ଗମନ କରିଥିବା ୨ଜଣ ବନ୍ଧୁ ଏବଂ ୩ଜଣ ଶିକ୍ଷକଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବନ୍ଧୁମିଳନ ଉତ୍ସବ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

## ବୈତରଣୀ ନଦୀରେ ବୁଡି ଜଣେ ମୃତ ଜଣେ ଆହତ

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବୈତରଣୀ ନଦୀଘାଟରେ ଗାଧୋଇବା ସମୟରେ ବୁଡିଯାଇ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣକୁ ସୁରକ୍ଷିତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି । ଘଟଣା ଅନୁଯାୟୀ ଆନନ୍ଦପୁର ବସ୍‌ଷ୍ଟାଣ୍ଡ ନିକଟରେ ମୋବାଇଲ ଯନ୍ତ୍ରାଂଶ ବିକ୍ରୟ କରୁଥିବା ରଘୁନାଥ ପୃଷ୍ଟିଙ୍କ ଏକମାତ୍ର ପୁଅ ଆଶିଷ ପୃଷ୍ଟି (୧୯) ଏବଂ ୫ ଜଣ ସାଙ୍ଗଙ୍କ ସହିତ ଦିନ ୧୨ଟା ବେଳେ ନଦୀକୁ ଗାଧୋଇବାକୁ ଯାଇଥିଲେ । ଆଶିଷଙ୍କ ସହିତ ହାତ ଧରାଧରି ହୋଇ ଗାଧୋଇବା ସମୟରେ ନଦୀ ସ୍ରୋତକୁ ଚାଲି ଯାଇଥିଲେ । ନିକଟରେ ଥିବା ଲୋକଙ୍କ ଦ୍ୱାରା ଜଣେ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର ହୋଇଥିବା ବେଳେ ଆଶିଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଶିଷ ପୃଷ୍ଟି ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ସେ ଭୁବନେଶ୍ୱର ମହର୍ଷି କଲେଜର +୨ ବାଣିଜ୍ୟରେ ପରୀକ୍ଷା ଦେଇ ଆନନନ୍ଦପୁରର ନିଜ ଘରକୁ ଆସିଥିଲେ । ତାଙ୍କର ଏହି ମୃତ୍ୟୁ ଖବର ପ୍ରସାରିତ ହେବା ପରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ରେଡ଼କ୍ରସର ବିଭିନ୍ନ କାର୍ଯ୍ୟକ୍ରମ




ଭୁବନେଶ୍ୱର,(ପ.ଏନ): ଡବ୍ଲୁଏଚ୍‌ଓ ର ବାର୍ଷିକୀ ପାଳନ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ବିଶ୍ୱବ୍ୟାପୀ ପାଳନ କରାଯାଏ । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଉତ୍ତମ ସ୍ୱାସ୍ଥ୍ୟର ମୂଲ୍ୟ ବିଷୟରେ ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ସମସ୍ତଙ୍କୁ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରିବା । ଏହି ବର୍ଷର ବିଷୟବସ୍ତୁ ହେଉଛି "ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ" କ୍ଷ ଇଣ୍ଡିଆନ ରେଡକ୍ରସ୍ ସୋସାଇଟି ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚ଼ିବ ଶ୍ରୀଯୁକ୍ତ ବିଭୁତି ଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଆୟୋଜିତ ହୋଇଯାଇଛି । ଏହି ଅବସରରେ ରେଡକ୍ରସ ଭବନ ଠାରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅବୈତନିକ କୋଷାଧକ୍ଷ ଶ୍ରୀଯୁକ୍ତ ଭବାନୀ ପ୍ରସାଦ ନନ୍ଦ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ଜୁନିଅର ରେଡ କ୍ରସ୍ ଅଧିକାରୀ ତୋଫାନ କୁମାର ରାଉତରାୟ ଯୋଗ ଦେଇଥିଲେ । ଏକ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ମଧ ଆୟୋଜନ କରାଯାଇଥିଲା । କୋଡିଏ ରୁ ଉର୍ଦ୍ଧ ଯୁବ ରେଡ଼କ୍ରସ ପରାମର୍ଶଦାତା, କନିଷ୍ଠ ରେଡ଼କ୍ରସ ର ପରାମର୍ଶଦାତା, ସ୍ବେଚ୍ଛାସେବୀ ମାନେ ରେଡକ୍ରସ୍ ଆଞ୍ଚଳିକ ରକ୍ତ କେନ୍ଦ୍ରରେ ରକ୍ତଦାନ କରିଥିଲେ । ଡକ୍ଟର ରଘୁନାଥ ବେହୁରା ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଦିବସକୁ ଭିନ୍ନ ଢଙ୍ଗରେ ପାଳନ ନିମନ୍ତେ ଭୁବନେଶ୍ୱର ର ପୋଖରୀପୁଟ ସ୍ଥିତ କାର୍ଗିଲ ବସ୍ତି ରେ ଆଉ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ମଧ ଆୟୋଜିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ଶ୍ରୀଯୁକ୍ତ ହୃଦୟ ବଲଭ ସାମନ୍ତରାୟ ମୁଖ୍ୟ ଅତିଥି ଭାବରେ ଓ ଡକ୍ଟର ସେବା ମହାପାତ୍ର ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେକ୍ଷ ଡକ୍ଟର ରାଜେନ୍ଦ୍ର କୁମାର ଦାଶ, ଡ଼ଃ ଦ୍ୱାରିକା ନାଥ ମହାନ୍ତି, ଶ୍ରୀ ମନୋରଂଜନ ମହାନ୍ତି, ଶ୍ରୀ ପ୍ରସନ୍ନ ରଥ, ମଞ୍ଜୁଳା ତ୍ରିପାଠୀ, ମମତା ପା ?ୀ , ନମିତା ପଟ୍ଟନାୟକ, ଆଶାଲତା ଦାଶ, ଶ୍ରୀଯୁକ୍ତ ଯଶୋବନ୍ତ ଜେନା ଏହି କାର୍ଯ୍ୟକ୍ରମର ଅତିଥି ଭାବରେ ଯୋଗ ଦେଇଥିଲେ । ଶ୍ରୀ ଜୟନ୍ତ କୁମାର ଜେନା, କୃଷି ଅଧିକାରୀ ଯୋଗ ଦେଇ ଅତିଥିମାନଙ୍କୁ ଔଷଧୀୟ ବୃକ୍ଷ ପ୍ରଦାନ କରିଥିଲେ । ପ୍ରାୟ ଦୁଇଶହ ସେଲ୍ଫ ହେଲଫ୍ ଗ୍ରୁପ୍ ମହିଳା କାର୍ଗିଲ ବସ୍ତିରେ ଏହି ଶିବିରରେ ଯୋଗ ଦେଇଥିଲେ । ଜୁନିୟର ରେଡକ୍ରସ୍ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶ୍ରୀମତୀ ଗୌରୀମଣି ବିଶ୍ୱାଳ, ଶ୍ରୀ ଲିଳାପୁଣ୍ୟତୀର୍ଥ ସ୍ୱାଇଁ, ଶ୍ରୀ ଗୁଲଶନ କୁମାର ଦାଶ, ଶ୍ରୀଯୁକ୍ତ କୁବେର ଚ଼ନ୍ଦ୍ର ପାତ୍ର, ବିନୟ ନାୟକ, ଜ୍ଞାନଦା ସାହୁ, ସୁରେନ୍ଦ୍ରନାଥ ସାମଲ ପ୍ରଭୃତି ସହଯୋଗ କରିଥିଲେ ।

# ଜୁରୁଡି ହାଇସ୍କୁଲକୁ ହାୟର ସେକେଣ୍ଡାରୀ ସ୍କୁଲର ମାନ୍ୟତା

ଯୋଡା, (ପିଏନ):ଯୋଡା ବ୍ଲକ ଅର୍ନ୍ତଗତ ଜୁରୁଡି ସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲକୁ ହାୟର ସେକେଣ୍ଡାରୀ ସ୍କୁଲର ମାନ୍ୟତା ମିଳିଛି । ଯାହା ଅଂଚଳବାସୀଙ୍କ ପାଇଁ ଖୁସି ଏବଂ ଗୌରବର ବିଷୟ । କେନ୍ଦୁଝର ଜିଲ୍ଲାରେ ମୋଟ ୬ଟି ସ୍କୁଲକୁ ଏହି ମାନ୍ୟତା ମିଳିଛି । ସେଥିମଧ୍ୟରୁ ଜୁରୁଡି ହାଇସ୍କୁଲ ଏହି ମାନ୍ୟତା ପାଇବାରେ ଗୌରବ ହାସଲ କରି ପାରିଛି । ଖଣି ଅଂଚଳରେ ରହି ପାଠ ପଢୁଥିବା ଶିକ୍ଷାର୍ଥୀମାନେ ଉଚ୍ଚ ଶିକ୍ଷା ପାଇଁ ଦୂର ଦୂରାନ୍ତକୁ ଯିବାପାଇଁ ପଡୁଥିଲା । ଏଥିପାଇଁ ଅଭିଭାବକ ମାନଙ୍କୁ ବହୁ ବ୍ୟୟ କରିବାକୁ ମଧ ପଡୁଥିଲା । ମାତ୍ର ଏହି ହାଇସ୍କୁଲ ବର୍ତ୍ତମାନ କଲେଜର ମାନ୍ୟତା ପାଇବା ପରେ ନିକଟରେ ରହୁଥିବା ବିଭିନ୍ନ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ସ୍ଥାନୀୟ ଅଂଚଳରେ ହିଁ ଉଚ୍ଚ ଶିକ୍ଷା ପାଇପାରିବେ । ଏହି ଖବର ପ୍ରଚାର ହେବାପରେ ଅଂଚଳରେ ଏକ ଖୁସିର ଲହରୀ ଖେଳିଯାଇଛି । ଏଥିପାଇଁ ରାଜ୍ୟ ସରକାର ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅଂଚଳବାସୀ ଆ'ରିକତାର ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି । ଚଳିତ ବର୍ଷ ଠାରୁ ମୋଟ ୧୨୮ଟି ସିଟ୍ +୨ ଆର୍ଟସରେ ସରକାରଙ୍କ ଅନଲାଇନ୍ ର ସାମସ୍ (ଏସେ୍ଏଏମ୍ଏସ) ପୋର୍ଟାଲରେ ଛାତ୍ରଛାତ୍ରୀଙ୍କୁ ଆଡମିସନ କରାଯିବ । ଏହାଦ୍ୱାରା ଆଖପାଖ ଅଂଚଳ ଜୁରୁଡି, ବାମେବାରୀ, କାଳିମାଟି ଏବଂ ଉପା' ଅଂଚଳର ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବରଦାନ ସଦୃଶ ସାଜିବ ଏବବଂ ସେହି ପିଲାମାନଙ୍କୁ ଘର ପାଖରେ ଉଚ୍ଚ ଶିକ୍ଷା ପାଇଁ ରାସ୍ତା ଫିଟିଯିବ । ବୁଧବାର ଏହି ସଂକ୍ରାନ୍ତିୟ ପ୍ରଥମ ସଚେତନ କାର୍ଯ୍ୟକ୍ରମ ଜୁରୁଡି ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟୟ ଜଳହରି, ଜୁରୁଡି, ଜଜାଙ୍ଗ ପଂଚାୟତର ସରପଞ୍ଚ, ନାଏବ ସରପଂଚ, ସମିତିସଭ୍ୟ ଏବଂ ୱାର୍ଡମେମ୍ବରଙ୍କ ସମେତ ସ୍ଥାନୀୟ ପଂଚାୟତରେ ଥିବା ସ୍କୁଲ ଗୁଡିକର ପ୍ରଧାନଶିକ୍ଷକ ସମେତ ଜୁରୁଡି ହାୟର ସେକେଣ୍ଡାରୀ ସ୍କୁଲର ପ୍ରିନ୍ସିପାଲ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ସ୍ଥାନୀୟ ଓଏମ୍‌ସି ଖଣି କମ୍ପାନୀର ଅଧିକାରୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray